# କରୋନା ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧନା ।

ଅନୁଗୋଳ,୩୧.୫ :- ଜିଲ୍ଲା ପ୍ରଶାସନ ସ୍ତରରେ ଉତ୍ସର୍ଗୀକୃତ ଭାବେ ସେବା ଯୋଗାଉଥିବା ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଂକୁ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଂସଦ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନଂକୁ ସମ୍ବର୍ଦ୍ଧିତ କରିଥିଲେ । କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ମାନ୍ୟବର ସାଂସଦ ପ୍ରଶଂସା କରିଥିଲେ । ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ସାଂସଦ ଜିଲ୍ଲାର ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ଅନ୍ତେବାସୀମାନଂକର ଭଲମନ୍ଦ ବୁଝିଥିଲେ । ଜିଲ୍ଲା ମଧ୍ୟକୁ ବିଭିନ୍ନ ରାଜ୍ୟରୁ ଆସୁଥିବା ପ୍ରବାସୀମାନଂକୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଥଇଥାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନର ସମୟୋଚିତ ପଦକ୍ଷେପ ପାଇଁ ସାଂସଦ ସନ୍ତୋଷ ପ୍ରକାଶ କରିଥିଲେ । ସାଂସଦଙ୍କର ଏହି ପଦକ୍ଷେପକୁ ଜିଲ୍ଲାପାଳ ପ୍ରଶଂସା କରିବା ସହ ଏହା ଦ୍ୱାରା କରୋନା ଯୋଦ୍ଧାମାନଂକର ମନୋବଳ ବୃଦ୍ଧି ପାଇବ ଓ ସେମାନେ ଉତ୍ସାହିତ ହୋଇ ଏହି କାର୍ଯ୍ୟକୁ ସୂଚାରୁରୁପେ ସଂପାଦନ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସାଂସଦ କରୋନା ଯୋଦ୍ଧାମାନଂକୁ ରୁଚି ମସଲା କମ୍ପାନି ତରଫରୁ ପ୍ରାୟୋଜିତ ଉପହାର ପ୍ୟାକେଟ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ଦିନେଶ ପ୍ରଧାନ, ଅନୁଗୋଳ ବ୍ଲକର ଉପାଧ୍ୟକ୍ଷା ଶ୍ରୀମତୀ ମମତା ପ୍ରଧାନ,ସାଂସଦଂକ ପ୍ରତିନିଧି ଶ୍ରୀ ସୁନିଲ ପ୍ରଧାନ ଓ ଶ୍ରୀ ମାତୃପ୍ରସାଦ ମିଶ୍ରଂକ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।




RUCHI

